**ପାର୍କରୁ ଷ୍ଟ୍ରିଟ୍ ଲାଇଟ୍ ଚୋରି**

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ଗ୍ରାମୀଣ ପାର୍କରୁ ୩ ଟି ଷ୍ଟ୍ରିଟ୍ ଲାଇଟ ଚୋରି ହୋଇଯାଇଛି। ଏ ନେଇ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ ଠାକୁରଗଡ଼ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୪୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାର୍କରେ ଲାଗିଥିବା ଲାଇଟ୍ ମଧ୍ୟରୁ ୩ଟି ଲାଇଟ୍ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରଥ ସେବାରେ ୩ ପିଢ଼ି

## ଚାନ୍ଦୁଆ କାରିଗର କାଠି ମହାରଣା

ଅନୁଗୋଳ,୩।୭ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ୩ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୋପନୀୟ ନୀତିରେ ପ୍ରଭୁ ସୁସ୍ଥ ହେଉଥିବା ବେଳେ ଆଉ ମାତ୍ର ୪ଟା ଦିନ ପରେ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ରଥ କାର୍ଯ୍ୟ ମହାରଣାଙ୍କ ଦ୍ୱାରା ସରିବା ପରେ ଶେଷ ଅପେକ୍ଷା ରହିଛି ରଥରେ ରଥକପଡ଼ା ବା ଚାନ୍ଦୁଆ ସ୍ପର୍ଶ ଦିଆଯିବ। ଏଥିପାଇଁ ଦିନରାତି ଲାଗି କାମ କରୁଛନ୍ତି ଚାନ୍ଦୁଆ କାରିଗର କାଠି ମହାରଣା। ୩ ପିଢ଼ି ଧରି ତାଙ୍କ ପରିବାର ରଥ ପାଇଁ ଚାନ୍ଦୁଆ ତିଆରି କରୁଥିବା କାଠି କହିଛନ୍ତି।

ଦୀର୍ଘ ୬୦ ବର୍ଷରୁ ଅଧିକ ହେବ ଠାକୁରଙ୍କ ଏହି ସେବା କରୁଛନ୍ତି କାଠିଙ୍କ ପରିବାର। ଅନୁଗୋଳ ଗାନ୍ଧୀମାର୍ଗରେ ରହୁଥିବା କାଠି ବଜାର୍ ଭିତରେ ଛୋଟ କପଡା ସିଲେଇ ଦୋକାନ କରିଛନ୍ତି। ନିଜର କୌଳିକ ବୃତ୍ତିକୁ ଆପଣାଇଥିବା କାଠି ମହାପ୍ରଭୁଙ୍କ ଏହି ସେବାକୁ ବଡ଼ ଶ୍ରଦ୍ଧା ଓ ଭକ୍ତିର ସହ ସମାପନ କରିଆସୁଛନ୍ତି। ଜେଜେବାପା ଗନ୍ଧର୍ବ ମହାରଣାଙ୍କ ପରେ ବାପା ପ୍ରସନ୍ନ ମହାରଣା ଏହି ସେବାରେ ନିୟୋଜିତ ଥିଲେ। ପୂର୍ବରୁ ସର୍ବ ପୁରାତନ ମଦନମୋହନ ମନ୍ଦିରରେ ରଥଯାତ୍ରା ପାଳନ ହେଉଥିଲା। ଏଠାରେ ଗୋଟିଏ ରଥ ହେଉଥିବାରୁ ଚାନ୍ଦୁଆ ତିଆରି ପାଇଁ ଅଧିକ ସମୟ ଲାଗୁ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ଶୈଳଶ୍ରୀକ୍ଷେତ୍ର ମନ୍ଦିର ନିର୍ମାଣ ଓ ତିନି ରଥରେ ରଥଯାତ୍ରା ଆୟୋଜନ କରାଯିବା ପରେ କାଠିଙ୍କ ପରିବାର ଏହି ଚାନ୍ଦୁଆ ତିଆରି ପାଇଁ ଅଧିକ ସମୟ ଦେଉଛନ୍ତି। ଏହି କାର୍ଯ୍ୟ ଦ୍ୱାରା ସେମାନେ ଠାକୁରଙ୍କ ସେବା କରିବାର ସୁଯୋଗ ଲାଭ କରିପାରିଥିବାରୁ ବହୁତ ଖୁସି ବୋଲି କହିଛନ୍ତି। ରଥଯାତ୍ରା ଆଉ ୪ ଦିନ ବାକି ଥିବାରୁ ୩ ରଥର ଚାନ୍ଦୁଆ କାମ କରିବାକୁ ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଏଥିପାଇଁ ସେମାନଙ୍କୁ ପ୍ରାୟ ଦେଢ଼ ମାସ ସମୟ ଲାଗିଥାଏ। ଘରେ ସ୍ତ୍ରୀ କପଡା କାଟିବା ସହ ସିଲେଇ କରିଦେଇଥାନ୍ତି। ସାନ ଭାଇ ମଧ୍ୟ ଚିକନ ଲଗେଇ କାରୁକାର୍ଯ୍ୟ କରିଦେଇଥାନ୍ତି। ଠାକୁରଙ୍କ କାମ ନିଷ୍ଠାର ସହ କଲା ବେଳେ ଦିନ ରାତି କେମିତି ବିତିଯାଏ ତାହା ଜଣାପଡେ ନାହିଁ। ସମସ୍ତ କାମ ସରିବା ପରେ ତିନି ରଥରେ ଯାତ୍ରାର ଦିନକ ପୂର୍ବରୁ ଚାନ୍ଦୁଆ ଲଗାଯାଇଥାଏ। ପ୍ରତିବର୍ଷ ତାଙ୍କ ପରିବାରକୁ ଏହି ସୌଭାଗ୍ୟପ୍ରାପ୍ତ ହେଉଥିବାରୁ ବହୁତ ଆନନ୍ଦ ଲାଗୁଛି ବୋଲି କାଠି ପ୍ରକାଶ କରିଛନ୍ତି।



# ଚାରା ବଣ୍ଟନ ମାଧ୍ୟମରେ ସଚେତନତା

ଅନୁଗୋଳ,୩।୭ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜିଲା ଜଙ୍ଗଲ ବିଭାଗ ତଥା ଗ୍ଲୋବାଲ ଗ୍ରୀନଗ୍ରାଣ୍ଟସ ଫଣ୍ଡର ସହାୟତାରେ ବନମହୋତ୍ସବ ସପ୍ତାହ ଅବସରରେ 'ସବୁଜ ପାଲଲହଡ଼ା କ୍ୟାମ୍ପେନ'ର ଶୁଭାରମ୍ଭ ହୋଇଛି। ଏହା ମାଧ୍ୟମରେ ଲୋକଙ୍କୁ ବର୍ତ୍ତମାନ ପରିବେଶରେ ଚାରା ରୋପଣର ଆବଶ୍ୟକତା ଓ ପ୍ଲାଷ୍ଟିକ ବସ୍ତୁର ବର୍ଜନ କରି ଏକ ସବୁଜ ପାଲଲହଡା ସୃଷ୍ଟି କରିବାର ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଜିତା କର୍ମକର୍ତ୍ତା ଓ ଜଙ୍ଗଲ ସାଥୀମାନଙ୍କ ଉପସ୍ଥିତିରେ ରେଞ୍ଜର ରମେଶ ଚନ୍ଦ୍ର ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ପାଲଲହଡ଼ା ବଜାର ମଧ୍ୟରେ ଷ୍ଟଲ ମାଧ୍ୟମରେ ଚାରା ବଣ୍ଟନ କରାଯାଇ ଲୋକଙ୍କୁ ସଚେତନ କରିବା ସହ, ପରିବେଶ ସୁରକ୍ଷା ଓ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ଲୋକଙ୍କ ମତାମତ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିତା ଅନୁଷ୍ଠାନର ଜଙ୍ଗଲ ସାଥୀ ସ୍ୱେଚ୍ଛାସେବୀମାନେ ପାଲଲହଡା ବ୍ଲକର ସଇଡା ଓ ପେଚାମୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନ କରିବା ସହ କିଚେନ ଗାର୍ଡେନ ପ୍ରସ୍ତୁତ କରିବା, ଜଙ୍ଗଲ ବିଭାଗ ସହ ମିଶି ଗାଁ ଓ ଜଙ୍ଗଲ ମଧ୍ୟରେ ଥିବା ଖାଲି ସ୍ଥାନରେ ଚାରା ରୋପଣ କରିବାର ଆଦି ଯୋଜନା କରାଯାଇଛି।




ଲୋକମାନଙ୍କୁ ଚାରା ବଣ୍ଟନ କରାଯାଉଛି।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମର ବୈଠକ

ଢେଙ୍କାନାଳ, ୩।୭ (ରତନ ନାୟାର)

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଜୁନ ୩୦ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟା ବିଭାସିନୀ ମିଶ୍ର ଏହାର ଶୁଭାରମ୍ଭ କରିଥିବା ବେଳେ ରାଜ୍ୟ ଫୋରମ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ରାଜ୍ୟ କୋଷାଧ୍ୟକ୍ଷା ଡ. ଗଙ୍ଗୋତ୍ରୀ ଦେବୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସୁଧାର ଆଣିବା ପାଇଁ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୋଧ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ବରିଷ୍ଠ ସଭ୍ୟ ବିନୟ କୁମାର ପାଣି, ବିଭାସିନୀ ମିଶ୍ର, ଉର୍ମିଳା ସାମଲ, ନିଳିମି କୁମାରୀ ସାହୁ, ସୌଭାଗ୍ୟ ପଟେଲ, ପବିତ୍ର ମୋହନ ଦାସ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ବିଭିନ୍ନ ସମସ୍ୟା ସମ୍ପର୍କିତ ମତାମତ ରଖିଥିଲେ। ସାଧାରଣ ସମ୍ପାଦକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଣିହାଁ,୩।୭ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଜ୍ରକୋଟସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟର ୬୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ ଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଷ୍ଠା ଦିବସ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ସାହୁ, ମୁଖ୍ୟ ବକ୍ତାଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ନୃସିଂହ ବରାଳ, ସମ୍ମାନିତ ଅତିଥି ଭାବେ ସମିତ ସୀମାଞ୍ଚଳ ପଣ୍ଡା ଓ ରାମଚନ୍ଦ୍ର ଜେନା, ବିଭୂତି କବି ପ୍ରମୁଖ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠା ସଦସ୍ୟଙ୍କ ସହିତ ବିଭିନ୍ନ ଦିବଙ୍ଗତ ଶିକ୍ଷକଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ବସନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।



# ସାଧାରଣ ବୈଠକରେ ନୂତନ କର୍ମକର୍ତ୍ତା ଚୟନ

ଛେଣ୍ଡିପଦା,୩।୭(ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ଜଗନ୍ନାଥ ବସ୍ ମାଲିକ ସଂଘର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ମଙ୍ଗଳବାର ଛେଣ୍ଡିପଦା ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ବସନ୍ତ କୁମାର ପ୍ରଧାନ ସଭାପତିତ୍ୱ କରି ନିର୍ବାଚନ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ, ରବିନାରାୟଣ ବେହେରା, ଦଧର ଦେହୁରୀ, ରବିନାରାୟଣ ସେଠୀ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛେଣ୍ଡିପଦା ବସ୍‌ଷ୍ଟାଣ୍ଡର ଦୂରାବସ୍ଥା ଓ ୬୩ ନଂ. ରାଜ୍ୟ ରାଜପଥର ସମସ୍ୟା ସଂଘ ପକ୍ଷରୁ ଉପସ୍ଥାପନା କରାଯାଇଥିଲା। ବିଧାୟକଙ୍କ ପ୍ରତିନିଧି ଅନୁଗୋଳ-ଛେଣ୍ଡିପଦା ୬୩ ନଂ ରାଜ୍ୟ ରାଜପଥ ସମସ୍ୟାର ସମାଧାନ ସହ ବସ୍‌ଷ୍ଟାଣ୍ଡ ପଡିଆରେ ଫ୍ଲେବରବ୍ଲକ ଓ ହାଇମାକ୍ସ ଲାଇଟ୍ ଲଗାଇବା ପାଇଁ ବିଧାୟକ ଅଗସ୍ତି ବେହେରା ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଥିଲେ। ସରପଞ୍ଚ ଜଗନ୍ନାଥ ମନ୍ଦିରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ହାଇମାକ୍ସ ଲାଇଟ୍ ଲଗାଇବା ସହ ବସ୍ ମାଲିକ ସଂଘର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ତହସିଲଦାରଙ୍କ ଠାରେ ଆବେଦନ କରିବା ପାଇଁ କହିଥିଲେ। ଏହା ପରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଉମେଶ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ମନୋଜ କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ଭାବେ ବୁଦ୍ଧଦେବ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସଂଘ ସମ୍ପାଦକ ଧନ୍ୟବାଦ ଦେଇଥିଲେ।




ସାଧାରଣ ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

# ଔଷଧୀୟ ଚାରା ରୋପଣ

ଆଠମଲ୍ଲିକ,୩।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବନ ବିଭାଗ ତରଫରୁ ୭୫ ତମ ବନ ମହୋତ୍ସବ ପାଳନ ଅବସରରେ ୫୪ ପ୍ରଜାତିର ଔଷଧୀୟ ଚାରା ଲଗାଯାଇଛି। ଧଣ୍ଡାତୋପା ବନାଞ୍ଚଳ ଅଧିକାରୀ ବବ୍ରୁ ବାହନ ସାହୁଙ୍କ ନେତୃତ୍ୱରେ ବନପାଳ ସଞ୍ଜୟ ବେହେରା, ପାଇକସାହି ବନପାଳ ଆଲୋକ ନାଥ ମିଶ୍ର, ବନପାଳ ଅଞ୍ଜଳି ବେହେରା, ବନରକ୍ଷୀ ଆନନ୍ଦିତା ଦାସ, ବନରକ୍ଷୀ ଦାମୋଦର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ସାହୁଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ଔଷଧିୟ ଚାରା ଲଗାଇବାରେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

# ଶିକ୍ଷାବିତ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତାଳଚେର,୩।୭(ମନୋଜ ନନ୍ଦ)

ତାଳଚେର ବ୍ଲକ ଗୋବରା ପଞ୍ଚାୟତ ତେନ୍ତୁଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ କରଡାପଲ୍ଲୀ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାମଞ୍ଜରୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା ଓ ସମ୍ମାନିତ ଅତିଥି ଭାବେ ଗୋବରା କ୍ଲଷ୍ଟରର ସିଆର୍‌ସିସି ଅମିୟ ଶଙ୍କର ଦାସ ଯୋଗଦେଇ ମହାନ୍ତିଙ୍କ ଦୀର୍ଘ ୩୨ ବର୍ଷର କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ତାଙ୍କର ଅବଶିଷ୍ଟ ଜୀବନ ଦୀର୍ଘ, ନିରାମୟ ହେବା ପାଇଁ ଅତିଥିମାନେ କାମନା କରିଥିଲେ। ଏହି ଅବସରରେ ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବରା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ। ଅରୁଣ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

## ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି

ବଅଁରପାଳ,୩।୭(ସୁବାସ ସାହୁ)

ବଅଁରପାଳ ବ୍ଲକ ନୂଆହତାଠାରେ ୫୫ ନମ୍ବର ଜାତୀୟ ରାଜପଥ ଉପରେ ଅଣ୍ଡରପାସ ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ। ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ବୁଧବାର ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଓ ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ମିଳିତ ଭାବେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ନୂଆହତା ଗ୍ରାମ ଦେଇ ଯାଇଥିବା ରାସ୍ତାକୁ ଅବରୋଧ କରି ୫୫ ନମ୍ବର ଜାତୀୟ ରାଜପଥ ବାଇପାସ୍ ନିର୍ମାଣ କରାଯାଉଛି। ଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ୧୦ଟି ପଞ୍ଚାୟତର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ନୂଆହତାଠାରେ ଅଣ୍ଡରପାସ ନିର୍ମାଣ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜନେତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତୁରନ୍ତ ସ୍ଥିତି ଅନୁଧ୍ୟାନ କରି ଅଣ୍ଡରପାସ ନିର୍ମାଣ କରାଯିବାକୁ ଗ୍ରାମବାସୀ ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଚରାକାନୀ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ଦାବି



ବନ୍ଦ ହୋଇଯାଇଥିବା ବିଦ୍ୟାଳୟ ଖୋଲିବାକୁ ଗ୍ରାମବାସୀ ଦାବି କରୁଛନ୍ତି।

ଛେଣ୍ଡିପଦା,୩।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକରେ ୪ବର୍ଷ ହେବ ୨୭ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। ଫଳରେ ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ବହୁ ହଇରାଣ ହେଉଥିଲେ। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। କିନ୍ତୁ ନୂତନ ଶିକ୍ଷାମନ୍ତ୍ରୀ ବନ୍ଦ ପଡ଼ିଥିବା ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେବା ସହ କେତେ ବିଦ୍ୟାଳୟ ବନ୍ଦ ରହିଛି ତଦନ୍ତ କରି ଏହାର ରିପୋର୍ଟ ଦେବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଶିମିଳିପାଳ ପଞ୍ଚାୟତ ଚରାକାନୀ ଗ୍ରାମର ଅଭିଭାବକଙ୍କ ମଧ୍ୟରେ ପୁଣି ଥରେ ଗାଁରେ ବିଦ୍ୟାଳୟ ଖୋଲିବା ଆଶା ଉଜ୍ଜୀବିତ ହୋଇଛି। ଚରାକାନୀରେ ବନ୍ଦ ପଡ଼ିଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାର ତୁରନ୍ତ ଖୋଲିବାକୁ ଗ୍ରାମର ଯାଦବ ସାହୁ, ସୁଚିତ୍ରା ଗଡତିଆ, ବନ୍ଦନା ସାହୁଙ୍କ ସମେତ ଗ୍ରାମର ବହୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟ ଖୋଲିଲେ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହିତ ୪ କି.ମି ଦୂରକୁ ଆଉ ଚାଲି ଚାଲି ପିଲାଙ୍କୁ ଯିବାକୁ ପଡ଼ିବନି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ: ଚାଳକ ଗିରଫ

କଣିହାଁ,୩।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନା ପୋଲିସ ବୁଧବାର ବେଆଇନ ବାଲି ଚାଲାଣରେ ବ୍ୟବହୃତ ଏକ ଟ୍ରକ୍ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ଜଣାଯାଏ, ଘଣ୍ଟିଆନାଲି ନିକଟସ୍ଥ ଟିକିରା ନଦୀବାଲି ଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ସୂଚନା ମିଳିଥିଲା। ପରେ ଡେରଙ୍ଗ ତାରିଣୀ ମନ୍ଦିର ନିକଟରେ ଚଢାଉ କରାଯାଇ ଏକ ବାଲି ବୋଝେଇ ଟ୍ରକ୍ ଜବତ କରାଯାଇଥିଲା। ଏ ନେଇ ନଂ. ୨୪୮/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଟ୍ରକ୍ ଚାଳକ ରିଙ୍କୁ ପ୍ରଧାନ (୨୪)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଇଣ୍ଡା,୩।୭(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ବୁଧବାର ନୂତନ ଭାବେ ନିର୍ମାଣ ହୋଇଥିବା ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ କଳସଯାତ୍ରା, ସୂର୍ଯ୍ୟପୂଜା, ହୋମଯଜ୍ଞ କରାଯାଇ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ରୀତିନୀତି ଅନୁସାରେ ପୂଜା କରାଯାଇଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ମନ୍ଦିରକୁ ସାଜସଜ୍ଜା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ସମିତି ସଭ୍ୟା ଶୈଳବାଳା ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଅଞ୍ଚଳବାସୀ ସହଯୋଗ କରିଥିଲେ।




# ଗଣେଶ ପୂଜା ରୌପ୍ୟ ଜୟନ୍ତୀ ପାଳନ ନେଇ ବୈଠକ

ତାଳଚେର, ୩।୭ (ମନୋଜ ନନ୍ଦ)

ତାଳଚେରରେ ଚଳିତବର୍ଷ ପାଳନ ହେବାକୁ ଥିବା ଗଣେଶ ପୂଜରେ କାରିଗରପଡା ଯୁବକ ସଂଘ ଗଣେଶ ପୂଜା କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏ ନେଇ ସ୍ଥାନୀୟ ଚିତ୍ରକୁଟ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଥମେ କର୍ମକର୍ତ୍ତା ଚୟନ କରାଯାଇ ପୁରୁଣା କମିଟିକୁ ଚଳିତବର୍ଷ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା। କମିଟି ସଭାପତି ପ୍ରିତେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ଆଗାମୀ ଗଣେଶ ପୂଜାକୁ କିପରି ଅଧିକରୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରାଯିବ, ସେଥିନେଇ ଆଲୋଚନା କରାଯାଇଥିଲା। କମିଟି ସଦସ୍ୟମାନେ ନିଜର ସୁଚିନ୍ତିତ ମତାମତ ଦେଇ ଗଣେଶ ପୂଜାକୁ ଜାକଜମକର ସହିତ କରିବାକୁ ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ କାରିଗରପଡାର ଶତାଧିକ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

# ସହରରେ ଚଢ଼ାଉ, ଜରିମାନା ଆଦାୟ

## ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି, ବିକ୍ରି ଅଭିଯୋଗ

ଅନୁଗୋଳ,୩।୭ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ କେତୋଟି ହୋଟେଲ, ରେଷ୍ଟୁରାଣ୍ଟରେ ରୋଷେଉ ସହ ଗ୍ରାହକମାନଙ୍କୁ ଖାଦ୍ୟ ପରଷା ଯାଉଥିବାର ବାରମ୍ବାର ଅଭିଯୋଗ ହେଉଥିବାବେଳେ ଗତ ସୋମବାର ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି।

ପୂର୍ବାହ୍ନରେ ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରାଙ୍କ ନେତୃତ୍ୱରେ ମିଶ୍ରପଡା, ଅମଲାପଡା, ହେମସୁରପଡା, ଖାଓଗଳିରେ ଅଚାନକ ପହଞ୍ଚି ସେଠାରେ ଥିବା ସମସ୍ତ ହୋଟେଲରେ ଯାଞ୍ଚ କରିଥିଲେ। ନୂତନ ଭାବେ ଖୋଲା ହୋଇଥିବା ଖାଓଗଳିର ଦୋକାନ ଗୁଡିକରେ ପ୍ରସ୍ତୁତ ହେଉଥିବା ଖାଦ୍ୟରେ ମିଶା ଯାଉଥିବା ରଙ୍ଗକୁ ଦେଖି ଅଧିକାରୀ ବିରକ୍ତ ହୋଇଥିଲେ। ରଙ୍ଗର ମାନ ଓ ଏହା କାହିଁକି ଖାଦ୍ୟରେ ମିଶା ଯାଉଛି ସେ ବିଷୟରେ ସେଠାରେ ଥିବା ରୋଷେୟାଙ୍କୁ ପଚାରିବା ସହ ମାଲିକମାନଙ୍କୁ ତାଗିଦ୍ କରିଥିଲେ। ସବୁ ଦୋକନର ଫୁଡ୍ ଲାଇସେନ୍ସ ଯାଞ୍ଚ କରିଥିଲେ। ସେହିପରି ରାଜା ଛକ ପୁରୁଣା ବସଷ୍ଟାଣ୍ଡରେ ଥିବା ହୋଟେଲଗୁଡିକକୁ ଯାଇ ରୋଷେଇ ଘର ସଫା ସୁତୁରା ଅଛି କି ନାହିଁ, ଡ୍ରେନେଜ ବ୍ୟବସ୍ଥା ଆଦିର ଯାଞ୍ଚ କରିଥିଲେ। କିଛି ହୋଟେଲରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ବାସୀ ଖାଦ୍ୟ ଆନୁମାନିକ ପଚାଶ କେଜି ନଷ୍ଟ କରିଦେବା ସହ ୫ହଜାର ଟଙ୍କାର ଜରିମାନା ଆଦାୟ କରିଥିଲେ। ହୋଟେଲ ମାଲିକମାନଙ୍କୁ ତାଗିଦ କରିବା ସହ ଆଗକୁ ଏପରି ପୁନରାବୃତି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



# ଢେଙ୍କାନାଳ ହେବ ଆଦର୍ଶ ସହର

**ପୌର ପରିଷଦର ସାଧାରଣ ବୈଠକ**

- ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ
- ସ୍ମାର୍ଟ ପାର୍କ ଓ ମଡର୍ନ ଲାଇବ୍ରେରି ପ୍ରସ୍ତାବ ଗୃହୀତ
- କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବିଜେଡି-ଭାଜପା କାଉନସିଲର ମୁହାଁମୁହିଁ


ଢେଙ୍କାନାଳ ପୌର ପରିଷଦର ସାଧାରଣ ବୈଠକରେ ଜନ ପ୍ରତିନିଧି ଓ ଅଧିକାରୀମାନେ।

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ପୌର ପରିଷଦର ସାଧାରଣ ବୈଠକ ବୁଧବାର ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ସହରର ସୌନ୍ଦର୍ଯ୍ୟକରଣ କରାଯାଇ ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବା ପୌରାଧ୍ୟକ୍ଷା ସୂଚନା ଦେଇଥିଲେ। ସେହିପରି ଢେଙ୍କାନାଳର ଏକ ପ୍ରମୁଖ ସ୍ଥାନରେ ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ସେହିପରି ସହରର ମହିଷାପାଟ ଅଞ୍ଚଳରେ ଏକ ସ୍ମାର୍ଟପାର୍କ ପ୍ରତିଷ୍ଠା ହେବ। ଏଥିପାଇଁ ସାଢେ ୪କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥିରେ କାଫେ ବ୍ୟବସ୍ଥା ମଧ୍ୟ ରହିବ। ସେହିପରି ଏକ ମଡର୍ନ ଲାଇବ୍ରେରି ମଧ୍ୟ ପ୍ରତିଷ୍ଠା ହେବ। ଢେଙ୍କାନାଳ ସହରରେ ୪ଟି ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ କେଉଁ କେଉଁ ସ୍ଥାନରେ କଲ୍ୟାଣ ମଣ୍ଡପ କରାଯିବ, ଏହାକୁ ନେଇ ଭାଜପା ଓ ବିଜେଡି କାଉନସିଲର ମୁହାଁମୁହିଁ ହୋଇଥିଲେ। ସେହିପରି ଗତ ବୈଠକର ପ୍ରସ୍ତାବ ଦୃଢୀକରଣକୁ ନେଇ ଉଭୟ ଦଳର କାଉନସିଲରଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା।

ବୈଠକର ଆଲୋଚନାରୁ ଜଣାପଡିଛି, ୨୦୨୩–୨୪ ବର୍ଷରେ ପୌରସଂସ୍ଥାରେ ୬୬ କୋଟି ୧୭ ହଜାର ଟଙ୍କା ଆୟ ହୋଇଥିବା ବେଳେ ୬୩ କୋଟି ୯୧ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟ ହୋଇଛି। ରାଜସ୍ୱ ବଢାଇବା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସହରର ଚତୁଃପାର୍ଶ୍ୱରେ ପ୍ରବେଶ ଦ୍ୱାର, ସିନିୟର ସିଟିଜେନ୍ କ୍ଲବ, ୩ଟି ଦିଗରେ ଆମିଷ ମାର୍କେଟ, ସହର ମଧ୍ୟରେ ଥିବା ଡ୍ରେନ୍‌ଗୁଡିକରେ ସ୍ଲାବ ପଡିବ। ବିପର୍ଯ୍ୟୟ ପ୍ରଶମନ ପାଇଁ ପଦକ୍ଷେପ ନିଆଯିବ। ଗଣେଶ ବଜାରଠାରୁ ବସ୍‌ଷ୍ଟାଣ୍ଡ ଦେଇ କଲେଜ ବାଇପାସ ପର୍ଯ୍ୟନ୍ତ ରାସ୍ତା ମଝିରେ ଡିଭାଇଡର ଲାଗିବ ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଡିଜାଇନ୍ ଲାଇଟ୍ ଲାଗିବ। ପୌରସଂସ୍ଥାର ଏକ ନିଜସ୍ୱ ଗେଷ୍ଟ ହାଉସ ନିର୍ମାଣ ହେବ। ସେହିପରି ପୌରସଂସ୍ଥା ପକ୍ଷରୁ ଏକ ମହାପ୍ରୟାଣ ଗାଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯିବ। ଯେଉଁ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଉଛି, ସମ୍ପୃକ୍ତ ପ୍ରକଳ୍ପର ଠିକାଦାରମାନେ ଠିକ୍ ସମୟରେ କାମ ନ ସାରିବା, ନିମ୍ନମାନର କାମ କରୁଥିବା ଏବଂ କାମ ପରେ ଉକ୍ତ ଅଞ୍ଚଳରେ ମାଟିଗୋଡି ଗଦାଇ ରଖୁଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟରେ ସ୍ୱଚ୍ଛତା ନ ଥିଲେ ସେମାନଙ୍କ ପ୍ରାପ୍ୟ ପ୍ରଦାନକୁ ରୋକିବା ନିମନ୍ତେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁରଙ୍କ ସମେତ ବିଜେଡିର କେତେଜଣ କାଉନସିଲର ଦାବି କରିଥିଲେ। ସେହିପରି ମହାବୀର ବଜାରଠାରୁ ଦକ୍ଷିଣକାଳୀ ମଧ୍ୟଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ରାସ୍ତା ଚଉଡା କରିବା ପାଇଁ ଉପଜିଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠିତ ହୋଇଛି। ଆଗକୁ ଢେଙ୍କାନାଳ ସହରର ସୌନ୍ଦର୍ଯ୍ୟକରଣ ପାଇଁ ସମସ୍ତଙ୍କ ସହଯୋଗରେ ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ପ୍ଲାଷ୍ଟିକ ବ୍ୟବହାର ରୋକିବା ନିମନ୍ତେ କ୍ୟାରି ବ୍ୟାଗ ପ୍ରସ୍ତୁତି ପାଇଁ ଏକ ପ୍ରକଳ୍ପ ନିର୍ମାଣ ହେବ। ଅଧା ନିର୍ମାଣ ହୋଇଥିବା ରାସ୍ତା ସମ୍ପୂର୍ଣ୍ଣ କରାଯିବ ବୋଲି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସୂଚନା ଦେଇଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ ରାଉତ, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରିଆ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ସ୍ୱଚ୍ଛତା ଓ ପରିମଳ ବିଭାଗ ଅଧିକାରୀ ସରୋଜ ରାଉତ, ପ୍ରମୋଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷେ ହେଲା ପ୍ରାପ୍ୟରୁ ବଞ୍ଚିତ ପୋଷଣ କେନ୍ଦ୍ର କର୍ମଚାରୀ

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର କଳ୍ପନା ପୋଷଣ କେନ୍ଦ୍ରରେ କାର୍ଯ୍ୟରତ ୨ଜଣ ଏଏନ୍‌ଏମ୍, ୩ଜଣ ରୋଷେୟା ଏବଂ ଆଟେଣ୍ଡାଣ୍ଟ ଏକବର୍ଷ ହେବ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ବୁଧବାର ଏହି କର୍ମଚାରୀମାନେ ନ୍ୟାୟ ପାଇଁ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଜିଲା ମିନେରାଲ ଫଣ୍ଡ ମାଧ୍ୟମରେ ଏହି କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରାଯାଉଥିଲା। କିନ୍ତୁ ବର୍ଷେ ହେଲା ଦରମା ମିଳି ନ ଥିବାରୁ କର୍ମଚାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ପ୍ରାପ୍ୟ ପ୍ରଦାନ ପାଇଁ ପଦକ୍ଷେପ ନେବା ନିମନ୍ତେ କର୍ମଚାରୀ କଲ୍ୟାଣୀ ସାମଲ, ମନିଷା ମଞ୍ଜରୀ ନାୟକ, ବେବିନା ବେହେରା, ରଶ୍ମିତ ସାହୁ, ମନ୍ଦୋଦରୀ ମହାରଣା ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କୁହନ୍ତି, ସମ୍ପୃକ୍ତ କର୍ମଚାରୀଙ୍କ କଥା ଚିନ୍ତା କରାଯାଉଛି। ୫ମାସ ଆଗରୁ ଫାଇଲ ପଠାଇଛୁ। ଏଥିସହିତ କର୍ମଚାରୀମାନେ ଜିଲାପାଳଙ୍କୁ ମଧ୍ୟ ୨ଥର ସାକ୍ଷାତ କରିଛନ୍ତି। ଜିଲାରେ ଯେହେତୁ କାମାକ୍ଷାନଗର ଓ ହିନ୍ଦୋଳ ପୋଷଣ କେନ୍ଦ୍ର ପଞ୍ଜୀକୃତ, ସେଠାକାର କର୍ମଚାରୀମାନେ ସରକାରଙ୍କଠାରୁ ନିୟମିତ ପ୍ରାପ୍ୟ ପାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଜିଲା ମିନେରାଲ ଫଣ୍ଡରୁ ଦରମା ପାଉଛନ୍ତି।

## ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ନାବାଳିକା ବଳାତ୍କାର ମାମଲା**

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମାମଲାର ରାୟ ପ୍ରକାଶ କରି ବୁଧବାର ଢେଙ୍କାନାଳ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ସୂର୍ଯ୍ୟମଣି ମହାପାତ୍ର ଅଭିଯୁକ୍ତ ମାନସ ମାଝି(୨୭)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ତଥା ମାନସଙ୍କ ପିତା ରମେଶ ମାଝି ଓ ମା' ଭାସିନୀ ମାଝିଙ୍କୁ କୋର୍ଟ ଖଲାସ କରିଦେଇଛନ୍ତି।

ମାମଲାରୁ ପ୍ରକାଶ, ଗଁଦିଆ ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅଭିଯୁକ୍ତ ମାନସ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ୨୦୧୪ ମସିହାରେ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ମାନସ ନାବାଳିକାଙ୍କୁ ଭୁବନେଶ୍ୱର ନେଇ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ପଞ୍ଜୀକୃତ କରି ଭଡ଼ାଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନାବାଳିକାଙ୍କୁ ସେଠରେ ଛାଡି ମାନସ ପଳାଇ ଆସିବା ସହ ବାପା ଠିକ୍ କରିଥିବା ଝିଅଙ୍କୁ ବିବାହ କରିବେ ବୋଲି ନାବାଳିକାଙ୍କୁ ଫୋନ୍‌ରେ ମେସେଜ ଦେଇଥିଲେ। ଏହି ଖବର ପାଇବା ପରେ ନାବାଳିକା ଜଣକ ମାନସଙ୍କ ଘରକୁ ଯାଇ ପଚାରିବାରୁ ମାନସଙ୍କ ବାପା ରମେଶ ଓ ମା' ଭାସିନୀ ଗାଳିଗୁଲଜ ସହିତ ଧକ୍କା ମାରି ବାହାର କରିଦେଇଥିଲେ। ଏ ନେଇ ନାବାଳିକା ଜଣକ ଗଁଦିଆ ଥାନାରେ ଏତଲା ଦେବା ପରେ ନଂ. ୧୬୮/୨୦୨୯ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଅଭିଯୁକ୍ତ ମାନସଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅଲିମ ଖାଁ ମାମଲା ପରିଚାଳନା କରୁଥିବା ବେଳେ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ସହାୟତା କରିଥିଲେ। ପୀଡାତାଙ୍କୁ କ୍ଷତିପୂରଣ ବାବଦକୁ ୭ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ଅଦାଲତଙ୍କ ପକ୍ଷରୁ ରାୟରେ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜାତୀୟ ଡାକ୍ତର ଦିବସ ପାଳିତ



ଇନ୍‌ରହ୍ୱିଲ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ଇନରହ୍ୱିଲ କ୍ଲବ ପକ୍ଷରୁ ସ୍ଥାନୀୟ ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ରୋଟାରି ଭବନଠାରେ ଜାତୀୟ ଡାକ୍ତର ଦିବସ ପାଳନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ଡାକ୍ତର ଐଶ୍ୱର୍ଯ୍ୟା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସେ ଡାକ୍ତର ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଇନ୍‌ରହ୍ୱିଲ କ୍ଲବ ସଭାପତି ମମତା ପୁହାନ, ସମ୍ପାଦିକା ଆଇ ରୁପାରାଣୀ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

## ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ନେଇ ସଚେତନତା

**କାମାକ୍ଷାନଗର,୩।୭(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ କଙ୍କଡ଼ାହାଡ଼ ଥାନା ତରଫରୁ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, କଙ୍କଡ଼ାହାଡ଼ ତହସିଲଦାର ସୌଦାମିନୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ପାଣ୍ଡବ ଚରଣ ଦାଶ, ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ଭଗବାନ ସିଂହ, କରଗୋଳା ସରପଞ୍ଚ ତାପସ ପାଣି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ସାହୁ, ଚଗଲି ପଣ୍ଡା, ଶୁକଦେବ ସାହୁ, ଖବରଦାତା ଅରବିନ୍ଦ ପାଲ, ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ନରୋତ୍ତମ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଥାନା ଅଧିକାରୀ କଳ୍ପନା ବେହେରା ନୂତନ ଆଇନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଜିଏମ୍ଆର୍ ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ଜିଏମ୍ଆର୍ ଅଧିକାରୀ ଓ ଅନ୍ୟମାନେ।

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗସ୍ଥିତ ଜିଏମ୍ଆର୍ କମଲାଙ୍ଗ ଏନର୍ଜୀ ଲିମିଟେଡ୍(ଜିଏମ୍ଆର୍) ପକ୍ଷରୁ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିକେଇଏଲ୍ ଓ ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଭରଲକ୍ଷ୍ମୀ ଫାଉଣ୍ଡେଶନ, ଜିଲା ବ୍ଲଡ ବ୍ୟାଙ୍କର ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଶିବିରରେ ୨୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିକେଇଏଲ୍ ପ୍ଲାଣ୍ଟ ହେଡ୍ ମନୋଜ ମିଶ୍ର ଶିବିରକୁ ଉଦ୍‌ଘାଟନ କରି ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ଜିଏମ୍ଆର୍ କର୍ମଚାରୀ, ରକ୍ଷା ସିକ୍ୟୁରିଟି, ଅଗ୍ନିଶମ କର୍ମଚାରୀ ଓ ଅପରେଟିଂ ଏଜେନ୍ସିର କର୍ମଚାରୀମାନେ ରକ୍ତଦାନ କରିଥିଲେ। ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଜିଏମ୍ଆର୍ ଏନର୍ଜୀ(ଥର୍ମାଲ) ଲିମିଟେଡ ସିଓଓ ଧନଞ୍ଜୟ ଦେଶପାଣ୍ଡେ ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜାରି ରଖିବାକୁ କହିଥିଲେ। ଜିଲାରେ ଜିକେଇଏଲ୍ ଦୀର୍ଘ ୧୦ ବର୍ଷ ଧରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ସ୍ଥାନୀୟ ପ୍ରଶାସନଠାରୁ ପୁରସ୍କୃତ ହୋଇଆସୁଛି।

## ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ଚାରାରୋପଣ




**କାମାକ୍ଷାନଗର,୩।୭(ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ବୁଧବାର ଚାରା ରୋପଣ କରାଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁଙ୍କ ଉପସ୍ଥିତରେ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ ମଧୁମିତା ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ମିସ୍ ନିଲୋଫର ଯୋଗଦେଇ କାମାକ୍ଷାନଗର ଏନ୍ଏସି ଗୋପବନ୍ଧୁ ପାର୍କ ନିକଟରେ ଆମ୍ବ, ଅଁଳା, କରଞ୍ଜ, ଜାମୁ ଆଦି ଚାରାରୋପଣ କରିଥିଲେ। ଓକିଲ ସଂଘ ସଭାପତି ଧର୍ମାନନ୍ଦ ପରିଡା, ସମ୍ପାଦକ ପ୍ରବୋଧ ସାମଲ, ଫରେଷ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀ ଓ ରଞ୍ଜନ ସିଂଙ୍କ ସମେତ ବହୁ ଆଇନଜୀବୀ, ଅଦାଲତର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନ କୋର୍ଟ ପରିସରରେ ଚାରାରୋପଣ

**ଭୁବନ,୩।୭(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଜେଏମ୍ଏଫସି କୋର୍ଟ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୁନମ ସେଠ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ, ବରିଷ୍ଠ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, କେଶବ ଚନ୍ଦ୍ର ପଣ୍ଡା ଓ କୋର୍ଟ ସହାୟକ ରମାକାନ୍ତ ପାଲଙ୍କ ସମେତ ସମସ୍ତ କର୍ମଚାରୀ ଓ ଆଇନଜୀବୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଏହି ଅବସରରେ ଆମ୍ବ, ପିଜୁଳି, ପଣସ, କାଜୁବାଦାମ ଓ ପେସ୍ତା ବାଦାମ ସହିତ ବିଭିନ୍ନ ଚାରାରୋପଣ କରାଯାଇଥିଲା।




## ସାହିତ୍ୟ ସୃଜନୀ ତାଲିମ ଶିବିର


ସାହିତ୍ୟ ସୃଜନୀ ତାଲିମ୍ ଶିବିରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ସଦର ଓ ଗଁଦିଆ ବ୍ଲକ ସମନ୍ୱୟରେ ସରକାରୀ ଉଚ୍ଚ ବିଦ୍ୟାଳୟ କାଇମାଟି ପରିସରରେ ୬୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଓ ମୋ ସ୍କୁଲ୍ ଅଭିଯାନ ସଙ୍ଗଠନ ସହାୟତାରେ ତ୍ରିଦିବସୀୟ ସାହିତ୍ୟ ସୃଜନୀ ତାଲିମ୍ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ରୋହିତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପ୍ରଶିକ୍ଷକ ସତ୍ୟବ୍ରତ ପଣ୍ଡା ତାଲିମ ଶିବିରର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ଭାବେ ସଦର ବ୍ଲକର ସୁଶ୍ରୀ ଶୁଭସ୍ମିତା ବେହେରା ଓ ଗଁଦିଆ ବ୍ଲକର ଦୀପିକା ପଢ଼ିହାରୀ କାର୍ଯ୍ୟକ୍ରମକୁ ଆକ୍ଟିଭିଟି ମାଧ୍ୟମରେ ବୁଝାଇଥିଲେ। ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କ ସୃଜନଶୀଳତା, ଭାଷା, ସାହିତ୍ୟ, ଆତ୍ମବିଶ୍ୱାସ ଓ ଉଚ୍ଚ ମାନସିକତାର ଅଭିବୃଦ୍ଧି ହୋଇପାରିବ ସେ ସମ୍ପର୍କିତ ଜ୍ଞାନ ଓ କୌଶଳ ଆହରଣ କରିଥିଲେ।

## ମୁଖ୍ୟ ଚିକିତ୍ସାଳୟ ଡାଇରିଆ ୱାର୍ଡରୁ ବାହାରିଲା ସାପ



**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଇରିଆ ୱାର୍ଡର ଶୌଚାଳୟ ଭିତରୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବିଷଧର ସାପ ବାହାରିଥିଲା। ସାପକୁ ଦେଖି ରୋଗୀ ଏବଂ ସମ୍ପର୍କୀୟମାନେ ଭୟଭୀତ ହୋଇ ପଡ଼ିଥିଲେ। ଖବରପାଇ ସାପ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିଲେ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କହିଛନ୍ତି, ଘଟଣା ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ଯେହେତୁ ଚିକିତ୍ସାଳୟକୁ ଲାଗି ଗଛଲତା ଓ ବୁଦା ରହିଛି, ସାପ ସେଠାରୁ ଆସି ଶୌଚାଳୟରେ ପଶିଥିବା ଅନୁମାନ କରାଯାଉଛି।

## ରୋଟାରି କ୍ଲବ୍ ପକ୍ଷରୁ ଡାକ୍ତର ଦିବସ ପାଳିତ

**ଢେଙ୍କାନାଳ,୩।୭(ରତନ ନାୟାର)**

ଢେଙ୍କାନାଳ ରୋଟାରି ଭବନ ପରିସରରେ ନୂତନ ସଭାପତି ପ୍ରଫେସର ହରେକୃଷ୍ଣ କରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ କିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଅବସରପ୍ରାପ୍ତ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରସାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଦିବସ ଅବସରରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରସାନନ୍ଦ ମିଶ୍ର, ଡା. ବିଧୂଭୂଷଣ ନନ୍ଦ, ପୂର୍ବତନ ସଭାପତି ତଥା ବରିଷ୍ଠ ପ୍ରସୂତି ବିଶେଷଜ୍ଞ ଡା. ଅବୋଧ ମହାପାତ୍ର, ଡା. ବଳଭଦ୍ର ରାମ, ଡା. ଭବାନୀ ଶଙ୍କର ଦାଶ, ମହିଳା ଡାକ୍ତର ଐଶ୍ୱର୍ଯ୍ୟା ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ମୁଖ୍ୟ ଆଭିମୁଖ୍ୟ ସମ୍ପର୍କରେ ପୂର୍ବତନ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚିନାରାୟଣ ପାଣି, ଆର.ପି. ସିଂହଦେଓ ଏବଂ ଦେବବ୍ରତ ଭଞ୍ଜ ପ୍ରମୁଖ ଦିଗ୍‌ଦର୍ଶନ ଦେଇଥିଲେ। ସଭାରେ ନୂତନ ସଭାପତି ପ୍ରଫେସର ହରେକୃଷ୍ଣ କରଙ୍କ ସମେତ ସମ୍ପାଦକ ତପନ ପାଲ୍, ଇନର୍ ହ୍ୱିଲ୍ ସଭାନେତ୍ରୀ ମମତା ପୁହାଣ, ସମ୍ପାଦିକା ରୂପା ଶ୍ରୀଧର ମଞ୍ଚାସୀନ ଥିଲେ। ଅଭିମନ୍ୟୁ ସାହୁ ସଭା ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରଦୋଷ ଶତପଥୀ, ରାଜକିଶୋର ଦାସ, ମହେଶ ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଇନରହ୍ୱିଲ୍‌ର ସଦସ୍ୟା ପି. ଜୟଲକ୍ଷ୍ମୀଙ୍କ ଜନ୍ମ ଦିବସ ପାଳନ କରାଯାଇଥିଲା। ଜ୍ୟୋତି ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ରୋଟାରି କ୍ଲବ୍ ପକ୍ଷରୁ ଡାକ୍ତର ଦିବସ ପାଳନ କରାଯାଉଛି।

## ପୂର୍ବତନ ଗ୍ରାମ ସଭାପତିଙ୍କ ପରଲୋକ

**ଭୁବନ,୩।୭(ବିପିନ ବିହାରୀ ସେଠୀ)**



ଢେଙ୍କାନାଳ ଜିଲା ଭୁବନ ବ୍ଲକ ନୁଆଟିପିଲେଇ ଗ୍ରାମର ପୂର୍ବତନ ଗ୍ରାମ ସଭାପତି ରଘୁନାଥ ଦଳେଇ(୮୦)ଙ୍କ ବୁଧବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ଓ ଗ୍ରାମର ବିଭିନ୍ନ ଅନୁଷ୍ଠାନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ଦୀର୍ଘ ୪୦ ବର୍ଷର ଅଷ୍ଟପ୍ରହର ନାମଯଜ୍ଞରେ ମୁଖ୍ୟ ଦାୟିତ୍ୱ ତୁଲାଇ ଥିଲେ। ତାଙ୍କ ଦେହାନ୍ତ ସମୟରେ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବରପାଇ ଆଖପାଖ ଅଞ୍ଚଳର ଶତାଧିକ ଲୋକେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ ୧୪ ଦିନ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ବିୟୋଗ ହୋଇଯାଇଥିଲା।

## ଅଭିଯୁକ୍ତ କୋର୍ଟଚାଲାଣ

**ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

**କାମାକ୍ଷାନଗର,୩।୭ (ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଡୁବୁରୀ–ବୁଢାପଙ୍କ ରେଳଲାଇନର ଇନ୍ଦିପୁର ନିକଟରୁ ଗତ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଟଙ୍କା ନେଣଦେଣକୁ ନେଇ ମହିଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ନଂ. ୩୩୮/୨୪ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ଅଭିଯୁକ୍ତ ଇନ୍ଦିପୁର ଗ୍ରାମର ମିଥୁନ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପୋଲିସ କହିଛି, ମହିଳା ଜଣକ ପ୍ରାୟ ୧୦ ବର୍ଷ ହେବ କାମାକ୍ଷାନଗର ଥାନା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଥିବାବେଳେ ପ୍ରାୟ କିଛିଦିନ ହେବ ସେ ଇନ୍ଦିପୁର ଗ୍ରାମର ମିଥୁନ ନାଏକଙ୍କୁ ପ୍ରେମ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତା ମହିଳା ମିଥୁନଙ୍କୁ ୫୦,୦୦୦ ଟଙ୍କା ଦେଇଥିଲେ ଓ ସେହି ଟଙ୍କା ଫେରି ପାଇବା ପାଇଁ ବାରମ୍ବାର ତାଙ୍କୁ ପାଖକୁ ଇନ୍ଦିପୁର ଆସିଥିଲେ। କିନ୍ତୁ ସେଠାରେ ଟଙ୍କା ଫେରାଇବାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ମିଥୁନ ମହିଳାଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏହାପରେ ମହିଳା ଜଣକ ଆତ୍ମହତ୍ୟା କରିଥିବା ମିଥୁନ ପୋଲିସ ଆଗରେ ସ୍ୱୀକାର କରିଛି। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

